DISTRICT LEVEL COMMITTEE MAYURBHANJ

ପରିଶିଷ୍ଟ-୩

ନିୟମ ୮ (ଜ) ଦ୍ରଷ୍ଟବ୍ୟ

## ଗୋଷ୍ଠୀ ଅଧିକାରକୁ ଶିରୋନାମା

୧. ଗୋଷ୍ଠୀଗତ ଜଙ୍ଗଲ ଅଧିକାରଧାରୀଙ୍କ (ମାନଙ୍କ) ନାମ: ପମ୍ପୁନାଗଡ ଗ୍ରାମବାସୀବୃନ୍ଦ

୨. ଗ୍ରାମସଭା : ପମ୍ପୁନାଗଡ

୩. ଗ୍ରାମ ପଞ୍ଚାୟତ : ଗୁଡୁଗୁଡିଆ

୪. ତହସିଲ : ଯଶିପୁର

୫. ଜିଲ୍ଲା : ମୟୂରଭଞ୍ଜ

୬. ଜନଜାତି ବା ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ବାସିନ୍ଦା: ଉଭୟ

**୭. କି ପ୍ରକାର ଗୋଷ୍ଠୀ ଅଧିକାର:**

(କ) ପାରମ୍ପରିକ ଭାବରେ ନିଜ ଗ୍ରାମ ମଧ୍ୟରେ ଏବଂ ଗ୍ରାମ ବାହାର ସୀମାରୁ ସଂଗ୍ରହ ହୋଇ ଆସୁଥିବା କ୍ଷୁଦ୍ର ବନଜାତ ଦ୍ରବ୍ୟ ଉପରେ ମାଲିକାନା, ସଂଗ୍ରହ, ବ୍ୟବହାର ଏବଂ ବିକ୍ରୟ ନିମନ୍ତେ ଅଧିକାର ।

(ଆଇନର ଧାରା ୩(୧) 'ଗ' ଏବଂ ନିୟମ ୨(ଘ) ଅନୁସାରେ)

(ଖ) ପାରମ୍ପରିକ ଭାବରେ ବ୍ୟବହୃତ ହୋଇ ଆସୁଥିବା ଜଳଉତ୍ସଗୁଡିକରୁ ମାଛ, ଜଳୀୟବସ୍ତୁ ଆଦି ସଂଗ୍ରହ ଉପରେ ଅଧିକାର ।

(ଆଇନର ଧାରା ୩(୧) 'ଘ' ଅନୁସାରେ)

(ଗ) ଗୋଚର ଉଦ୍ଦେଶ୍ୟରେ ପାରମ୍ପରିକ ଭାବରେ ବ୍ୟବହୃତ ହୋଇ ଆସୁଥିବା ବନାଞ୍ଚଳ ଉପରେ ଅଧିକାର ।

(ଆଇନର ଧାରା ୩(୧) 'ଘ' ଅନୁସାରେ)

(ଘ) ଜୈବବିବିଧତା, ବୌଦ୍ଧିକ ସମ୍ପତ୍ତି ଓ ପାରମ୍ପରିକ ଜ୍ଞାନକୁ ପ୍ରବେଶ ପାଇଁ ଅଧିକାର ।

(ଆଇନର ଧାରା ୩(୧) 'ଟ' ଅନୁସାରେ)

(ଙ) ଦେବସ୍ଥଳୀ/ଜାହିରା ଗୁଡିକ ପାରମ୍ପରିକ ରୀତିନୀତିରେ ପୂଜା କରିବାର ଅଧିକାର ।

(ଆଇନର ଧାରା ୩(୧) 'ଠ' ଅନୁସାରେ)

(ଚ) ପାରମ୍ପରିକ ଭାବରେ ବ୍ୟବହୃତ ହୋଇଆସୁଥିବା ଜଙ୍ଗଲ ରାସ୍ତା ଉପରେ ଅଧିକାର ।

(ଆଇନର ଧାରା ୩(୧) 'ଠ' ଅନୁସାରେ)

(ଛ) ଗ୍ରାମର ପାରମ୍ପରିକ ସୀମା ମଧ୍ୟରୁ ଏବଂ ବାହାରୁ ଜାଳେଣୀକାଠ, କୃଷି ଉପକରଣ, ଘର ତିଆରି ଇତ୍ୟାଦି ଉଦ୍ଦେଶ୍ୟରେ ପାରମ୍ପରିକ ଭାବରେ କାଠ ସଂଗ୍ରହ ଓ ବ୍ୟବହାର କରିବାର ଅଧିକାର ।

(ଆଇନର ଧାରା ୩(୧) 'ଠ' ଅନୁସାରେ)

## ୮. ଗୋଷ୍ଠୀ ଜଙ୍ଗଲ ଅଧିକାରଧାରୀମାନଙ୍କ ଦାୟିତ୍ୱ ଓ ଅଧିକାର::

(ଅଧିନିୟମର ଧାରା ୫ ଅନୁସାରେ)

(କ) ବନ୍ୟଜନ୍ତୁ, ଜଙ୍ଗଲ ଏବଂ ଜୈବ ବିବିଧତାର ସୁରକ୍ଷା ।

(ଖ) ଜଳ ବିଭାଜିକା ଅଞ୍ଚଳ, ଜଳଉତ୍ସ ଏବଂ ଅନ୍ୟାନ୍ୟ ପରିବେଶୀୟ ସ୍ପର୍ଶକାତର ଅଞ୍ଚଳଗୁଡିକୁ ପର୍ଯ୍ୟାପ୍ତ ଭାବେ ସୁରକ୍ଷା ସୁନିଶ୍ଚିତ କରିବା ।

(ଗ) ବନବାସୀ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ବାସସ୍ଥଳୀର ସୁରକ୍ଷା ଏବଂ ଧ୍ୱଂସକାରୀ ପ୍ରକ୍ରିୟା ଦ୍ୱାରା ସେମାନଙ୍କର ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟାକୁ ସ୍ପର୍ଶ ନହେବା ପାଇଁ ସୁରକ୍ଷା କରିବାର ସୁନିଶ୍ଚିତ କରିବା ।

(ଘ) 'ଗୋଷ୍ଠୀ ଜଙ୍ଗଲ ସମ୍ପଳ' ର ବ୍ୟବହାର ନିୟନ୍ତ୍ରଣ ପାଇଁ ଗ୍ରାମସଭା ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ସୁନିଶ୍ଚିତ କରିବା ଏବଂ କୌଣସି କାର୍ଯ୍ୟ ଯାହା ଜଙ୍ଗଲ, ବନ୍ୟପ୍ରାଣୀ ଓ ଜୈବ ବିବିଧତାକୁ ପ୍ରଭାବିତ କରୁଥିବ ତାହାକୁ ବନ୍ଦ କରିବା ।

## ୯. ଚୌହଦୀର ବିବରଣୀ – ଚିର ପ୍ରଚଳିତ ଚୌହଦୀ ଏବଂ /ବା ସୁସ୍ପଷ୍ଟ ଭୂମି ଚିହ୍ନ / ଖେସରା / କମ୍ପାର୍ଟମେଣ୍ଟ ନମ୍ବର ସହିତ::

(କ) ଗ୍ରାମର ପାରମ୍ପରିକ ସୀମା/ଚିର ପ୍ରଚଳିତ ଚୌହଦୀ ଯଥା: ଉତ୍ତର ଦିଗରେ ଜାନ୍ଟୁ ଡୁଙ୍ଗ ପୂର୍ବ ଦିଗରେ ଚିଲ୍ଲଚିଲ୍ଲୁରା ପାହାଡ ଓ ସିନ୍ଦୁଆର ପାହାଡ ଦକ୍ଷିଣ ଦିଗରେ ଛେଳିଗୁଧୁଡୀ ପାହାଡ ପଶ୍ଚିମ ଦିଗରେ ବାରଦଣ୍ଡା ପାହାଡ ଓ ନୂଆଗାଁ ପାହାଡ ମଧ୍ୟରେ ପରିବେଷ୍ଟିତ/ପରିବ୍ୟାପ୍ତ 'ଗୋଷ୍ଠୀ ଜଙ୍ଗଲ ସମ୍ପଳ' ।

(ଖ) ଗ୍ରାମର ପାରମ୍ପରିକ ସୀମା ବାହାରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ବ୍ୟବହୃତ ଯମୁନାଗଡ ମୌଜାର- ଜାନ୍ଟୁ ଡୁଙ୍ଗ, ଚିଲ୍ଲଚିଲ୍ଲୁରା ପାହାଡ, ସିନ୍ଦୁଆର ପାହାଡ ଛେଳିଗୁଧୁଡୀ ପାହାଡ, ବାରଦଣ୍ଡା ପାହାଡ ଓ ନୂଆଗାଁ ପାହାଡ ।

**ଗୋଷ୍ଠୀଗତ ଜଙ୍ଗଲ ଅଧିକାରଧାରୀଙ୍କ ନାମ:** ଯମୁନାଗଡ ଗ୍ରାମବାସୀ ବୃନ୍ଦ

ଆମ୍ଭେ, ନିମ୍ନସ୍ୱାକ୍ଷରକାରୀ, ଏତଦ୍ୱାରା, ଓଡିଶା ସରକାରଙ୍କ ତରଫରୁ ଉପରମତେ ବର୍ଣ୍ଣିତ ଗ୍ରାମର ଗୋଷ୍ଠୀ ଜଙ୍ଗଲ ସମ୍ପଳକୁ ନିଶ୍ଚିତ କରି ଆମ୍ଭମାନଙ୍କର ସାକ୍ଷର କରୁଛୁ ।

ବନଖଣ୍ଡ ଅଧିକାରୀ
Deputy Director
Similipal Tiger Reserve
Baripada

ଜିଲ୍ଲା ଜନଜାତି ମଙ୍ଗଳ ଅଧିକାରୀ
Project Administrator,
ITDA, Baripada-cum-
Member Secretary
DLC, FRA, Mayurbhanj.

COLLECTOR, MAYURBHANJ
ଜିଲ୍ଲାପାଳ/ଉପ କମିଶନର

---

ଜଙ୍ଗଲ ସୁରକ୍ଷା ଆମର ଦୀକ୍ଷା'
'ଶାନ୍ତି ହିଁ ସହାବସ୍ଥାନର ମୂଳ ଭିତ୍ତିଭୂମି ।'

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ